"ମିଠେ ବଚ୍ଚେ:- ଭିତର ବାହାର ସ୍□ଚ୍ଛ ହୁଅ, କୌଣସି ପ୍ରକାରର ଖରାପ ଅଭ୍ୟାସ ତୁମ ଭିତରେ ଏବେ ରହିବା ଉଚିତ୍ ନୁହେଁ ।"

ପ୍ରଶ୍ନ:- ବ୍ରାହ୍ମଣ ପିଲାମାନଙ୍କୁ ବାବାଙ୍କଠାରୁ ପୂରା-ପୂରା ସମ୍ପତ୍ତି ନେବା ପାଇଁ କେଉଁ-କେଉଁ ଧାରଣାଗୁଡିକ ଉପରେ ଧ୍ୟାନ ଦେବାକୁ ହେବ?

ଉତ୍ତର:- (୧) ଏହି ଜନ୍ମରେ ବାବାଙ୍କର ହୋଇ ଏପରି କୌଣସି ପାପ କର୍ମ ନ ହେଉ ଯାହାପାଇଁ ୧୦୦ ଗୁଣା ଦଣ୍ଡ ଭୋଗ କରିବାକୁ ପଡିବ । (୨) ବାବା ଯିଏକି ଅତି ମିଠା ଅଟନ୍ତି ସିଏ ତୁମମାନଙ୍କୁ ନିଜ ଭଳି ମିଠା କରୁଛନ୍ତି ସେଥିପାଇଁ ତୁମମାନଙ୍କ ମୁଖରୁ କୌଣସି କଠୋର ବାଣୀ ନ ବାହାରୁ ଯାହାଦ୍□ାରା ଅନ୍ୟମାନଙ୍କୁ ଦୁଃଖ ଅନୁଭବ ହେବ । (୩) ଦୁଃଖହର୍ତ୍ତା ସୁଖକର୍ତ୍ତାଙ୍କର ସନ୍ତାନ ହୋଇ ସମସ୍ତଙ୍କର ଦୁଃଖ ହରଣ କରିବାକୁ ହେବ । ମନ-ବଚନ-କର୍ମରେ ସମସ୍ତଙ୍କୁ ସୁଖ ଦେବାକୁ ହେବ । (୪) ନିନ୍ଦା-ସ୍ତୁତିରେ ସମାନ ସ୍ଥିତିରେ ରହିବାକୁ ହେବ ।

ଓମ୍ ଶାନ୍ତି । ସତଗୁରୁବାରକୁ ବୃକ୍ଷପତିଙ୍କର ଦିନ ମଧ୍ୟ କୁହାଯାଇଥାଏ । ବୃକ୍ଷପତି ଡେ ଅର୍ଥାତ୍ ବାବାଙ୍କର ଦିନ । ଅମାବାସ୍ୟା ଦିନ ଅନ୍ଧକାର ରାତ୍ର ଶେଷ ହୋଇ ପୁଣି ଦିନ ଆରମ୍ଭ ହୋଇଥାଏ । ଚନ୍ଦ୍ରମା ଉଦୟ ହେବା ଆରମ୍ଭ ହୋଇଥାଏ । ଆଜିକାଲି ଯେଉଁମାନଙ୍କର ଶ୍ରାଦ୍ଧ ହୋଇଥାଏ ତାଙ୍କୁ ଖୁଆଇ-ପିଆଇ ସନ୍ତୁଷ୍ଟ କରିଥାନ୍ତି, ତାଙ୍କୁ ମାଗିବାକୁ ପଡି ନ ଥାଏ । ସମସ୍ତଙ୍କୁ ତୃପ୍ତ କରାଯାଇଥାଏ । ଯଦି ଦିନକୁ ଚାଲିଗଲେ ପୁଣି ରାତିକୁ ଫେରି ଆସିବାର ଆବଶ୍ୟକତା ହିଁ ନାହିଁ । ଏହା ହିଁ ଅସଲ କାଇଦା ଅଟେ - ୧୨ ମାସ ପୁରା ହୋଇଗଲା ପରେ ତାଙ୍କୁ ଖୁଆଇ, ମୁକ୍ତ କରିଦେବାକୁ ପଡିଥାଏ । ପୁଣି ଅନ୍ଧକାର ରାତ୍ରିରେ କାହିଁକି ଡକାଯାଉଛି । କିନ୍ତୁ ବ୍ରାହ୍ମଣମାନେ ଏହି ନୀତି-ପ୍ରଥା ବନାଇ ଦେଇଛନ୍ତି, ଯାହାକି ଚାଲି ଆସୁଛି । ସେଥିରେ ତାଙ୍କୁ ଦକ୍ଷିଣା ଆଦି ମିଳି ଚାଲିବ । ତାହା ହେଉଛି ଏହି ସୃଷ୍ଟିର ଅମାବାସ୍ୟା । ଏବେ ବାବା ଆସିଛନ୍ତି ଅବିନାଶୀ ଅମାବାସ୍ୟା ସମୟରେ । ବାବା ଆସିଲେ ଅଧାକଳ୍ପର ଅନ୍ଧକାର ଦୂର ହୋଇଯାଇଥାଏ । ପୁଣି ସତ୍ୟଯୁଗରେ ଆଲୋକ ହିଁ ଆଲୋକ ହୋଇଥାଏ । ସେଠାରେ କେବେ କେହି ଶ୍ରାଦ୍ଧ ଆଦି ଖୁଆଇବେ ନାହିଁ । ଏହା ପୁଣି ହେଉଛି ବେହଦର ଅମାବାସ୍ୟା । ବ୍ରହ୍ମାଙ୍କର ରାତ୍ରି ଅର୍ଥାତ୍ ବ୍ରାହ୍ମଣମାନଙ୍କର ରାତ୍ରି ଶେଷ ହୋଇ ଦିନ ଆସିଯାଇଥାଏ । ପୁଣି ସେଠାରେ କେହି ଶ୍ରାଦ୍ଧ ଆଦି ଖୁଆଇ ନ ଥାନ୍ତି, ସେଠାରେ ବ୍ରାହ୍ମଣ ହିଁ ନ ଥାନ୍ତି । ଏମିତି ନୁହେଁ ଯେ ସେଠାରେ କେହି ମରନ୍ତି ନାହିଁ, କିନ୍ତୁ ସେଠାରେ ଏହି ନୀତି-ପ୍ରଥା ଆଦି ନ ଥାଏ । ଏଠାରେ ତ ଅନେକ ପ୍ରକାରର ବ୍ରାହ୍ମଣ ମଧ୍ୟ ଅଛନ୍ତି । ବର୍ତ୍ତମାନ ସମସ୍ତେ ଆଶା କରୁଛନ୍ତି ଯେ ଏକ ବିଶ୍□ ହେଉ, ଏକ ରାଷ୍ଟ୍ର ହେଉ । କିନ୍ତୁ ଏତେ ସମସ୍ତଙ୍କର ତ ଏକ ରାଷ୍ଟ୍ର ହୋଇପାରିବ ନାହିଁ । ହଁ ଗୋଟିଏ ରାଜ୍ୟ, ଗୋଟିଏ ନୀତି-ପ୍ରଥା ଥିଲା, ଯେବେକି ସତ୍ୟଯୁଗ ଥିଲା । ତାହା ତ ବାବା ହିଁ ଆସି ସ୍ଥାପନ କରୁଛନ୍ତି । ସେଠାରେ ସମସ୍ତେ ବିଲ୍କୁଲ୍ ମିଠା ହୋଇଥାନ୍ତି । ସେଠାରେ ଦୁଃଖର କୌଣସି କଥା ନ ଥାଏ । ସେଠାରେ କେବେ କେହି କଠୋର ଶବ୍ଦ କହି ନ ଥାନ୍ତି, ପାପ କରି ନ ଥାନ୍ତି । ଏବେ ଯିଏ ଯେତେ ପୁରୁଷାର୍ଥ କରିବେ, କ୍ରମାନୁସାରେ ସିଏ ସେତିକି ପଦ ପାଇବେ । ଏପରି ନୁହେଁ ଯେ ସେଠାରେ କେହି ଚୋରୀ ଆଦି କରିବେ । ନା । ସେଠାରେ ସମସ୍ତଙ୍କର ଭିତର ବାହାର ସ୍□ଚ୍ଛ ରହିଥାଏ । ଏଠାରେ ଭିତର ଗୋଟିଏ ଓ ବାହାର ଆଉ ଗୋଟିଏ ହୋଇଥାଏ । ଜଣେ ଅନ୍ୟ ଜଣଙ୍କର କେତେ କ୍ଷତି କରୁଛନ୍ତି । ଏସବୁ ହେଉଛି ରାବଣ ରାଜ୍ୟର ବିକାରୀ ଚଞ୍ଚଳତା । ବାବା ବର୍ତ୍ତମାନ ଏହାକୁ ସମ୍ପୂର୍ଣ୍ଣ ଶେଷ କରିଦେଉଛନ୍ତି । ସମସ୍ତଙ୍କର ତୁରନ୍ତ ବିକାରୀ ଅଭ୍ୟାସ ତ ଶେଷ ହେଉ ନାହିଁ । ସେଥିପାଇଁ ସମୟ ଲାଗୁଛି । ଯେତେ-ଯେତେ ଯୋଗଯୁକ୍ତ ହେବ, ପ୍ରତି ପଦକ୍ଷେପରେ ନିଜକୁ ଦେଖିବ ଯେ ମୁଁ ଯୋଗରେ ରହୁଛି ନା ନାହିଁ । ମୁଁ କୌଣସି ପାପ କର୍ମ ତ କରୁନାହି! ମୁଁ ନିଜେ ମିଠା ହୋଇ ପୁଣି ଅନ୍ୟମାନଙ୍କୁ ମିଠା ସ୍□ଭାବର କରାଉଛି? ଯଦି ନିଜେ ହିଁ କଠୋର ହୋଇଥିବ ତେବେ ଅନ୍ୟମାନଙ୍କୁ ମିଠା କିପରି କରିବ । ଏଠାରେ ଏହିପରି ସ୍□ଭାବ ତୁରନ୍ତ ପ୍ରତ୍ୟକ୍ଷ ହୋଇ ଯାଇଥାଏ, ଲୁଚି ପାରିବ

ନାହିଁ ।

ବାବା କହୁଛନ୍ତି - ଯଦି ମୋର ପିଲା ହୋଇ କୌଣସି ଓଲଟା-ସିଧା କର୍ମ କରିବ ତେବେ ବହୁତ କଠୋର ଦଣ୍ଡ ପାଇବ । ତୁମ୍ଭମାନଙ୍କର ପଦ ମଧ୍ୟ ଭ୍ରଷ୍ଟ ହୋଇଯିବ । ଭଗବାନ ନିଜେ ଆସି ପାଠ ପଢାଉଛନ୍ତି ଦେବତା କରାଇବା ପାଇଁ । ଦେବତାମାନଙ୍କର ମହିମାରେ ଗାନ କରୁଛନ୍ତି - ସର୍ବଗୁଣ ସମ୍ପନ୍ନ... ଅହିଂସା ପରମୋଧର୍ମ । ହିଂସା ଦୁଇ ପ୍ରକାରର ହୋଇଥାଏ । ଗୋଟିଏ ତ ହେଉଛି କାମ ବିକାରର ହିଂସା ଯାହା ଦ୍ୱାରା ମନୁଷ୍ୟ ଆଦି ମଧ୍ୟ ଅନ୍ତ ଦୁଃଖ ପାଉଛନ୍ତି । ଦ୍ୱାପରୀଯୁଗରେ ପୁଣି କ୍ରୋଧରେ ଆସି ପରସ୍ପରକୁ ମାରି ଦୁଃଖ ଦେଉଛନ୍ତି, ପୁଣି ନିଜେ ଦୁଃଖୀ ହେଉଛନ୍ତି । ଏଠାରେ ତ ପିଲାମାନଙ୍କୁ କୁହାଯାଉଛି ଯେ ମନ-ବଚନ-କର୍ମରେ ଏପରି କୌଣସି କାମ କର ନାହିଁ । କାହାକୁ ଦୁଃଖ ଦିଅ ନାହିଁ । ଆମ୍ଭେମାନେ ହିଁ ହେଉଛୁ ଦୁଃଖହର୍ତ୍ତା ସୁଖକର୍ତ୍ତାଙ୍କର ସନ୍ତାନ । ତେବେ ସମସ୍ତଙ୍କୁ ଏହି ଯୁକ୍ତି ବତାଇବାକୁ ହେବ - ତୁମେ କିପରି ଦୁଃଖ ଦୂର କରି ସୁଖ ଦେବ । ତେବେ ଯାଇ କରିଥିବା ହିସାବ-କିତାବ ଚୁକ୍ତ ହୋଇଯିବ । ଏଠାରେ ବାବା ବୁଝାଉଛନ୍ତି ଯେ ଏହି ଜନ୍ମରେ ଯାହା କିଛି ପାପ କର୍ମ କରିଛ, ବାବାଙ୍କୁ କହିଦେବା ଦ୍ୱାରା ଅଧା ପାପ କଟିଯିବ । କିନ୍ତୁ ଅନେକ ଜନ୍ମର ପାପ କର୍ମ ମୁଣ୍ଡ ଉପରେ ତ ବହୁତ ରହିଛି ନା । ଏବେ ବାବା ବୁଝାଉଛନ୍ତି ଯେ ଏହି ଜନ୍ମରେ ମଧ୍ୟ ଏଭଳି କର୍ମ କରିବା ଅନୁଚିତ ଯାହା ଦ୍ୱାରା ପାପ ହେବ, ତା' ସହିତ ଯୋଗବଳ ଦ୍ୱାରା ଅନେକ ଜନ୍ମର ପାପ କର୍ମ ଭସ୍ମ କରିବାକୁ ହେବ । ଏହି ଜନ୍ମରେ ବାବାଙ୍କର ହୋଇ କୌଣସି ବି ପାପ କର୍ମ କରିବା ଉଚିତ୍ ନୁହେଁ । ବ୍ରାହ୍ମଣ ହେବା ବିନା ତୁମ୍ଭମାନଙ୍କୁ ସମ୍ପତ୍ତି ମିଳିପାରିବ ନାହିଁ । ଇଏ ବାପଦାଦା ଅଟନ୍ତି ନା । ସମ୍ପତ୍ତି ତୁମ୍ଭମାନଙ୍କୁ ଶିବବାବାଙ୍କଠାରୁ ମିଳୁଛି, ବ୍ରହ୍ମାବାବାଙ୍କଠାରୁ ନୁହେଁ । ଇଏ ନିଜକୁ କିଛି ହେଲେ ଉପାଧି ଦେଉ ନାହାଁନ୍ତି । ଇଏ ତ କେବଳ ରଥ ଅଟନ୍ତି, ଏହାଙ୍କଠାରୁ ତୁମକୁ କିଛି ମିଳୁନାହିଁ । ରଥର ବି ତ ଗାୟନ କରାଯାଇଥାଏ । ହୁସେନଙ୍କର ରଥ ପରିକ୍ରମା କରାଇଥା'ନ୍ତି ନା । ହୁସେନଙ୍କର ଘୋଡାକୁ କେତେ ସଜାଇଥାନ୍ତି । ଏହା ତ ପତିତ ଶରୀର ଅଟେ ନା । ଇଏ ବି ଏବେ ସଜାଇ ହେଉଛନ୍ତି । ନିଜର ପୁରୁଷାର୍ଥ ଦ୍ୱାରା ହିଁ ସଜାଇ ହେଉଛନ୍ତି । ଏମିତି ନୁହେଁ ଯେ ବାବା ବ୍ରହ୍ମାଙ୍କର ସପକ୍ଷରେ କହୁ ନାହାଁନ୍ତି । ଏମିତି ତ ବାବା କେବେ-କେବେ ଥଟ୍ଟା-ମଜା କରୁଛନ୍ତି, ଯେ ଏହାଙ୍କୁ ଘରଭଡା ତ ମିଳିବ ନା । କିନ୍ତୁ ଯେପରି ତୁମକୁ ପୁରୁଷାର୍ଥ କରିବାକୁ ହେବ ସେହିପରି ଏହାଙ୍କୁ ମଧ୍ୟ କରିବାକୁ ହୋଇଥାଏ । ତାଙ୍କର ଏହି ଲୋଭ ନାହିଁ ଯେ ମୋତେ ଘରଭଡା ଦେବେ । ବାବା ତ ଏହିପରି ମଜାରେ କହିଦେଉଛନ୍ତି । ଆତ୍ମାକୁ ଯୋଗବଳ ଦ୍ୱାରା ହିଁ ସତ୍ତ୍ୱପ୍ରଧାନ ହେବାକୁ ପଡିବ । ଯେତେ ଯୋଗ କରିବ ସେତେ ପବିତ୍ର ହେବ ଏବଂ ପୁଣି ନିଜ ସମାନ ମଧ୍ୟ କରିବାକୁ ହେବ । ତୁମ୍ଭମାନଙ୍କ ଭିତରେ ଯେଉଁମାନେ ଭଲ-ଭଲ ସେବାଧାରୀ ଅଛନ୍ତି, ସେମାନେ ନାମୀଗ୍ରାମୀ ଅଟନ୍ତି, ତୁମେମାନେ ତାଙ୍କୁ ଜାଣିଛ । ସେମାନଙ୍କୁ ବାବା ସେବା କରିବା ପାଇଁ ପଠାଇ ଦେଉଛନ୍ତି । ବହୁତ ମିଠା କଥା କହିବାକୁ ପଡିଥାଏ । କାହା ସହିତ ଲଢେଇ-ଝଗଡା କରିବାର ନାହିଁ । ଯଦି ବ୍ରାହ୍ମଣମାନେ କଟୁବଚନ କହିବେ ତେବେ ଅନ୍ୟମାନେ କହିବେ ଏହାଙ୍କ ପାଖରେ ତ କ୍ରୋଧର ଭୂତ ରହିଛି । ସ୍ତୁତି-ନିନ୍ଦାରେ ସମାନ ଅବସ୍ଥା ରହିବା ଆବଶ୍ୟକ । ଅନେକଙ୍କ ପାଖରେ କ୍ରୋଧର ଭୂତ ରହିଛି, ସେଥିପାଇଁ ଅନେକ ନାରାଜ ହୋଇଥାନ୍ତି । ଏପରି ନୁହେଁ ଯେ ସମସ୍ତଙ୍କର କ୍ରୋଧ ଛାଡିଗଲାଣି । ଯେତେ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହେବାର ସମୟ ନ ଆସିଛି ସେତେ ପର୍ଯ୍ୟନ୍ତ ଧୀରେ-ଧୀରେ ଖାଦ ବାହାରି ଚାଲିଥିବ । ଏପରି କେହି କହିପାରିବେ ନାହିଁ ଯେ ମୋ ପାଖରେ କ୍ରୋଧ ନାହିଁ । କ୍ରୋଧ କାହା ପାଖରେ ଅଧିକ, କାହା ପାଖରେ କମ୍ ଥାଏ । କାହା-କାହାର କହିବାର ଶୈଳୀ ଏପରି ହୋଇଥାଏ ଯେପରି ଲଢେଇ କରୁଛନ୍ତି । ତେଣୁ ପିଲାମାନଙ୍କୁ ବହୁତ-ବହୁତ ମିଠା ହେବାକୁ ପଡିବ । ଏହିଠାରେ ହିଁ ସର୍ବଗୁଣ ସମ୍ପନ୍ନ ହେବାକୁ ପଡିବ । ବିକାର ତ ଅନେକ ପ୍ରକାରର ରହିଛି ନା । କ୍ରୋଧ କରିବା, ମିଛ କହିବା ଏସବୁ ବିକାର ଅଟେ ।

ବାବା କହୁଛନ୍ତି - ପିଲାମାନେ ଏବେ କୌଣସି ବିକର୍ମ କରିବ ତ ବହୁତ ଦଣ୍ଡ ଭୋଗ କରିବାକୁ ପଡିବ । ସେଠାରେ ତ ମୋ ସହିତ ଦଣ୍ଡ ଦେବା ପାଇଁ ଧର୍ମରାଜ ମଧ୍ୟ ରହିବେ । ଏଠାରେ ପ୍ରତ୍ୟକ୍ଷ ଭାବରେ ଦଣ୍ଡ ମିଳୁଛି, ଧର୍ମରାଜଙ୍କର ଦଣ୍ଡ ଗୁପ୍ତ ଭାବରେ ମିଳିବ, ଗର୍ଭ ଜେଲରେ ମଧ୍ୟ ଦଣ୍ଡ ଭୋଗିଥା'ନ୍ତି । କାହାକୁ ଯଦି ରୋଗ ଆଦି ହେଉଛି - ତାହା ମଧ୍ୟ କର୍ମଭୋଗ ଅଟେ । ଧର୍ମରାଜଙ୍କ ଦ୍ୱାରା ଦଣ୍ଡ ମିଳିଥାଏ । ଆଗରୁ କରିଥିବା ପାପର ମଧ୍ୟ ଏବେ ଦଣ୍ଡ ମିଳୁଛି । ବର୍ତ୍ତମାନ କରିଥିବା ପାପର ଦଣ୍ଡ ମଧ୍ୟ ଏବେ ବି ମିଳିପାରିବ । ପୁଣି ଗର୍ଭ

ଜେଲରେ ବି ମିଳିଥାଏ । ତାହା ହେଉଛି ଗୁପ୍ତ, ଧର୍ମରାଜ ସେଠାରେ ତ ଦଣ୍ଡ ଦେବେ ନାହିଁ ନା । ଏଠାରେ ପୁଣି ଶରୀର ଦ୍□ାରା କର୍ମଭୋଗ ଚୁକ୍ତ କରିବାକୁ ପଡିଥାଏ । ଏବେ ବାବା ଆମକୁ ଏଥିରୁ ମୁକ୍ତ କରୁଛନ୍ତି । ବର୍ତ୍ତମାନ ପରମପିତା ପରମାତ୍ମା ଏବଂ ଧର୍ମରାଜ ବାବା ଉଭୟ ହାଜିର ଅଛନ୍ତି । ବର୍ତ୍ତମାନ ସମସ୍ତଙ୍କର ବିନାଶର ସମୟ ଅଟେ । ପ୍ରତ୍ୟେକଙ୍କର ନ୍ୟାୟିକ ବିଚାର ହେଉଛି । ଏହା ବି ଡ୍ରାମାରେ ନିଧାର୍ଯ୍ୟ ଅଛି । ଯେହେତୁ ତୁମ୍ଭେମାନେ ଜାଣୁଛ ଯେ - ସମ୍ପୂର୍ଣ୍ଣ ହେବାକୁ ପଡିବ, ତେବେ କୌଣସି ପାପ କର୍ମ କରିବାର ନାହିଁ । ନିଜର କଲ୍ୟାଣ ପାଇଁ ଯେତେ ଦୂର ସମ୍ଭବ ଭଲ ଭାବରେ ପୁରୁଷାର୍ଥ କରିବା ଦରକାର । ଏହା କଳ୍ପ-କଳ୍ପାନ୍ତରର କଥା ଅଟେ । ଦୁନିଆର ପାଠପଢା ଗୋଟିଏ ଜନ୍ମ ପାଇଁ ହୋଇଥାଏ । ଅନ୍ୟ ଜନ୍ମରେ ପୁଣି ଅନ୍ୟ ପାଠ, ଏହା ହେଉଛି ୨୧ ଜନ୍ମ ପାଇଁ ପାଠପଢା । ଅବିନାଶୀ ବାବା ଅବିନାଶୀ ପାଠ ପଢାଉଛନ୍ତି, ଯାହା ଦ୍□ାରା ୨୧ ଜନ୍ମ ପାଇଁ ଅବିନାଶୀ ପଦ ମଧ୍ୟ ମିଳିଥାଏ । ବାବାଙ୍କଠାରୁ ୨୧ ଜନ୍ମ ପାଇଁ ବର୍ସା ମିଳିଥାଏ । ତୁମ୍ଭେମାନେ ଜାଣିଛ ଯେ ଏହା ପୁରୁଣା ଦୁନିଆ ଅଟେ, ନୂଆ ଦୁନିଆରେ ଏକମାତ୍ର ଭାରତ ଥିଲା । ଏବେ ପୁନର୍ବାର ଏହି ଚକ୍ର ଘୂରିବ । ନୂଆ ସୃଷ୍ଟି ସ୍ଥାପନ ହୋଇ ପୁରୁଣାର ବିନାଶ ହେବ । ଏକଥା ତ ଗାୟନ ରହିଛି ଯେ ପରମପିତା ପରମାତ୍ମା ଆସି ବ୍ରହ୍ମାଙ୍କ ଦ୍□ାରା ନୂଆ ଦୁନିଆ ସ୍ଥାପନ କରିଥା'ନ୍ତି । ସେଥିପାଇଁ ବ୍ରାହ୍ମଣ ତ ନିଶ୍ଚିତ ଆବଶ୍ୟକ । ତାହା ହେଲେ ନିଶ୍ଚିତ ପବିତ୍ର ବି ହେଉଥିବେ, ରାଜଯୋଗ ବି ଶିଖୁଥିବେ । ଆମେ ବ୍ରହ୍ମାକୁମାର କୁମାରୀମାନେ ତ ପବିତ୍ର ହେଉଛୁ । ବାବା ଏକଥା କହୁନାହାଁନ୍ତି ଯେ ଘରଦ୍□ାର ଛାଡିଦିଅ । ନା, ଗୃହସ୍ଥ ବ୍ୟବହାରରେ ରହି କମଳ ଫୁଷ୍ପ ତୁଲ୍ୟ ହୋଇ ରୁହ । ଏହି 'ବାପଦାଦା' ନାମ ବହୁତ ଭଲ । ଦାଦାଙ୍କ ଠାରୁ ସମ୍ପତ୍ତି ମିଳୁଛି । ସିଏ ସର୍ବୋଚ୍ଚ ଅଟନ୍ତି । ବ୍ରହ୍ମା ତ ପତିତ ଥିଲେ ନା । ଇଏ ପ୍ରଥମେ ଶ୍ରେଷ୍ଠାଚାରୀ ପୂଜ୍ୟ ମହାରାଜା ଥିଲେ । ଏବେ ଅନ୍ତିମ ସମୟରେ ଆସି ପତିତ ହୋଇଗଲେ । ଏହା ହେଉଛି ତାଙ୍କର ଅନ୍ତିମ ଜନ୍ମ । ଏହି ଦୁନିଆରେ କ'ଣ କେହି ପାବନ ହୋଇପାରିବେ? ପବିତ୍ର ଦୁନିଆରେ କେହି ବାବାଙ୍କୁ ମନେ ପକାଇବେ ନାହିଁ । ଗାୟନ ମଧ୍ୟ ରହିଛି ଆତ୍ମା ପରମାତ୍ମା ଅଲଗା ରହିଲେ ବହୁକାଳ.... ଏହାର ହିସାବ ମଧ୍ୟ ତୁମେମାନେ ବୁଝିଛ । ଯେଉଁମାନେ ସୂର୍ଯ୍ୟବଂଶୀ ଅଟନ୍ତି ସେମାନେ ପ୍ରଥମେ ପ୍ରଥମେ ନିଜର ସମ୍ପତ୍ତି ନେବାକୁ ଆସିବେ । ଏବେ ଯଦି ଆତ୍ମା ଶରୀର ତ୍ୟାଗ କରି ଗଲା, ତେବେ କହିଥା'ନ୍ତି ଆତ୍ମା ସ୍□ର୍ଗକୁ ଗଲା । ପୁଣି ତାଙ୍କୁ ନର୍କକୁ ଡାକିବାର ଆବଶ୍ୟକତା କ'ଣ ଅଛି । କିଛି ହେଲେ ବି ବୁଝୁନାହାଁନ୍ତି । ଯେବେ ସାଧୁ-ସନ୍ଥ ଆଦି ଦେହ ତ୍ୟାଗ କରିଥାଆନ୍ତି, ତେବେ ତାଙ୍କର ବି ଶ୍ରାଦ୍ଧ ବାର୍ଷିକି ପାଳନ କରିଥାନ୍ତି, ଭୋଗ ମଧ୍ୟ ଲଗାଇଥାନ୍ତି । ସେମାନେ ଯେତେବେଳେ କହୁଛନ୍ତି ଯେ ଜ୍ୟୋତି-ଜ୍ୟୋତିରେ ମିଶିଗଲା ପୁଣି ଭୋଗ କାହିଁକି ଲଗାଉଛନ୍ତି । ପ୍ରତି ବର୍ଷ ଶ୍ରାଦ୍ଧ କାହିଁକି ପାଳନ କରୁଛନ୍ତି? ଶରୀର ତ ବିନାଶ ହୋଇଗଲା - ଆତ୍ମା ବି ଚାଲିଗଲା ପୁଣି ଆତ୍ମାକୁ ଡାକିବାର କ'ଣ ଆବଶ୍ୟକତା ଅଛି । ଆତ୍ମା ଜ୍ୟୋତିରେ ଲୀନ ହୋଇଗଲା । ପୁଣି ସିଏ କିପରି ଆସିପାରିବ । ଅନେକାନେକ ମତ ସବୁ ରହିଛି । ଏପରି ମଧ୍ୟ କହୁଛନ୍ତି ମନୁଷ୍ୟ ମୋକ୍ଷ ପାଇଯାଉଛି, ପୁଣି ଆସୁନାହିଁ । ଯଦି ମୋକ୍ଷପ୍ରାପ୍ତ କଲା, ତେବେ ଆହୁରି ଖୁସି ହେବା ଦରକାର, ଆତ୍ମା ଅଭିନୟ କରିବାରୁ ମୁକ୍ତ ହୋଇଗଲା । ପୁଣି ତ ସେମାନଙ୍କୁ ମନେ ବି ପକାଇବା ଦରକାର ନାହିଁ । ଏକଥା ମଧ୍ୟ ତୁମେମାନେ ଜାଣିଛ - ସବୁ ମନୁଷ୍ୟ ମାତ୍ରକେ ଏକମାତ୍ର ବାବାଙ୍କୁ ନିଶ୍ଚିତ ସ୍ମରଣ କରୁଛନ୍ତି । ମାନୁଛନ୍ତି ମଧ୍ୟ ଆମେ ସମସ୍ତେ ଭାଇ-ଭାଇ ଅଟୁ । ତେବେ ଭାଇମାନଙ୍କୁ ପିତାଙ୍କଠାରୁ ସମ୍ପତ୍ତି ନିଶ୍ଚୟ ମିଳିବା ଦରକାର । ସବୁ ଆତ୍ମାମାନଙ୍କର ସଦ୍ଗତିଦାତା ଜଣେ ଅଟନ୍ତି । ସମସ୍ତ ଆତ୍ମାମାନଙ୍କୁ ଘରକୁ ଫେରିବାକୁ ହେବ । ମନୁଷ୍ୟ, ମନୁଷ୍ୟମାନଙ୍କୁ କିପରି ସଦ୍ଗତି ଦେଇପାରିବେ । ସେଥିପାଇଁ ସମସ୍ତଙ୍କର ସଦ୍ଗତି ଦାତା ଏକମାତ୍ର ଜଣଙ୍କର ନାମ ପ୍ରସିଦ୍ଧ ରହିଛି । ସିଏ ହିଁ ଜ୍ଞାନର ସାଗର, ପତିତ-ପାବନ ଅଟନ୍ତି । ସେହି ବାବା ଆସି ଆମକୁ ରାଜଯୋଗ ଶିଖାଉଛନ୍ତି । ସମସ୍ତଙ୍କୁ ରାବଣ ରାଜ୍ୟରୁ ମୁକ୍ତ କରୁଛନ୍ତି, ଏହାକୁ ବେହଦର ଅମାବାସ୍ୟା କୁହଯିବ, ଅଧାକଳ୍ପ ହେଉଛି ବେହଦର ରାତି ପୁଣି ଅଧାକଳ୍ପ ହେଉଛି ବେହଦର ଦିନ । ଏହା ଏକ ଖେଳ ଅଟେ । ଯେବେ ଆଧ୍ୟାତ୍ମିକ ସମାରୋହ ପାଇଁ ଡାକୁଛନ୍ତି - ଶାନ୍ତି କିପରି ହେବ, ତେବେ ସେଠାରେ କହିବା ଆବଶ୍ୟକ - ଗୋଟିଏ ଧର୍ମ, ଗୋଟିଏ ମତ ସତ୍ୟଯୁଗରେ ହିଁ ହୋଇଥାଏ । ଯାହାକୁ ୫ ହଜାର ବର୍ଷ ହୋଇଗଲା । ସେଠାରେ ସୁଖ-ଶାନ୍ତି ସବୁ କିଛି ଥିଲା, ବାକି ସବୁ ଆତ୍ମାମାନେ ଶାନ୍ତିଧାମରେ ଥିଲେ । ନୂଆ ଦୁନିଆରେ ଗୋଟିଏ ହିଁ ଧର୍ମ ଥିଲା । ପୁରୁଣା ଦୁନିଆରେ ଏହି ମନୁଷ୍ୟ ରୂପୀ ବୃକ୍ଷ କେତେ ବଢିଯାଉଛି । ଅନେକ ଧର୍ମ ରହିଛି । ବର୍ତ୍ତମାନ ଅନେକ ଧର୍ମ ଗୁଡିକର ବିନାଶ ଏବଂ ଗୋଟିଏ ଧର୍ମର ସ୍ଥାପନା କରିବା, ଏହା ବାବାଙ୍କର ହିଁ କାମ ଅଟେ । ଶିବବାବା କହୁଛନ୍ତି - ଏହା ମୋର କାମ । ମୁଁ କଳ୍ପ-କଳ୍ପ ଆସି ଏହି କାର୍ଯ୍ୟ କରୁଛି । ସତ୍ୟଯୁଗୀ ରାଜଧାନୀ ପାଇଁ ରାଜଯୋଗ ନିଶ୍ଚୟ ସଂଗମଯୁଗରେ ହିଁ ଶିଖାଇବେ । ବାବା ସବୁ

ପତିତମାନଙ୍କୁ ପାବନ କରୁଛନ୍ତି । କହୁଛନ୍ତି ମୁଁ ଆସୁଛି ବହୁତ ଜନ୍ମର ଅନ୍ତିମ ଜନ୍ମର ଅନ୍ତ ସମୟରେ । ଯିଏ ପୂରା ୮୪ ଜନ୍ମ ନେଇଛନ୍ତି, ତାଙ୍କ ରଥରେ ହିଁ ଆସି ବୁଝାଉଛି । ବର୍ତ୍ତମାନ ନୂଆ ଦୁନିଆ ତ ନାହିଁ । ମୁଁ ପୁରୁଣା ଦୁନିଆରେ ହିଁ ଆସି ନୂଆ ଦୁନିଆ ସ୍ଥାପନ କରୁଛି । ପତିତ ଦୁନିଆକୁ ପବିତ୍ର କରୁଛି । ମୋର ନାମ ହିଁ ହେଉଛି ଦୁଃଖହର୍ତ୍ତା, ସୁଖକର୍ତ୍ତା । ସୁଖରେ ମୋତେ କେହି ସ୍ମାଦ କରୁନାହାଁନ୍ତି, ଦୁଃଖରେ ମୋତେ ସ୍ମାଦ କରୁଛନ୍ତି । ତେବେ ନିଶ୍ଚୟ କେବେ ସୁଖ ମିଳିଥିଲା ।

ବାବା କହୁଛନ୍ତି ମୁଁ ଆସିଛି ପାଠ ପଢାଇବା ପାଇଁ । ଏବେ ପାଠ ପଢିବା ହେଉଛି ତୁମର କାମ । ମନୁଷ୍ୟମାନେ ତ ଘୋର ଅନ୍ଧକାରରେ ଅଛନ୍ତି । ତୁମ୍ଭେମାନେ ମଧ୍ୟ କିଛି ଜାଣି ନ ଥିଲ । ଏହି ସମୟରେ ସାରା ଦୁନିଆର ନୌକା ବୁଡି ଯାଇଛି, ସମସ୍ତେ କେତେ ଦୁଃଖୀ ହୋଇଯାଇଛନ୍ତି । ତୁମେ ସମସ୍ତଙ୍କର ନୌକାକୁ ପାର କରୁଛ, ସମସ୍ତେ ଶାନ୍ତିଧାମକୁ ଚାଲିଯିବେ । ଏହି କଥା ତୁମ୍ଭମାନଙ୍କ ବୁଦ୍ଧିରେ କ୍ରମାନୁସାରେ ରହିଛି । ଯେଉଁମାନେ ଲାଇଟ୍ ହାଉସ ଅର୍ଥାତ୍ ବର୍ତୀଘର ସଦୃଶ ହୋଇଥିବେ, ସେହିମାନେ ଅନ୍ୟମାନଙ୍କୁ ମଧ୍ୟ ରାସ୍ତା ବତାଇ ଚାଲିବେ । ତାଙ୍କର କାମ ହିଁ ହେଉଛି ରାସ୍ତା ବତାଇବା । ପିଲାମାନଙ୍କୁ ବାବା ଆସି କିପରି ପଢାଉଛନ୍ତି, ଏହାର ସ୍ଥାୟୀ ଖୁସି ତ ରହିବା ଦରକାର । ଏଠାକୁ ଆସି ବହୁତ ସତେଜ ଓ ତୃପ୍ତ ହୋଇଯାଉଛନ୍ତି, ବାହାରକୁ ଯିବା ଦ୍□ାରା ନିଶା ଛାଡିଯାଉଛି । ବାବାଙ୍କଠାରୁ ପୂରା-ପୂରା ସମ୍ପତ୍ତି ନେବାର ଇଚ୍ଛା ରଖିବା ଦରକାର । ପାଦ-ପାଦରେ ବାବାଙ୍କଠାରୁ ରାସ୍ତ ନେଇ ଚାଲିବା ଉଚିତ୍ । ଆଗରୁ ତୀର୍ଥ ଆଦିକୁ ପାଦରେ ଚାଲି-ଚାଲି ଯାଉଥିଲେ, ବହୁତ ସତର୍କତାର ସହିତ ଯାଉଥିଲେ । ବର୍ତ୍ତମାନ ସମୟରେ ତ ବସ ଟ୍ରେନରେ ଯାଉଛନ୍ତି । ବର୍ତ୍ତମାନ ସମୟରେ ମାୟାର ବହୁତ ଆଡମ୍ବର ରହିଛି । ସତ୍ୟଯୁଗରେ ଆଡମ୍ବର ଥିଲା, ପୁଣି ଦ୍□ାପରରୁ ବିଲୁପ୍ତ ହୋଇଚାଲିଲା । ଏବେ ପୁଣି ଶେଷ ସମୟରେ ଆରମ୍ଭ ହୋଇଛି, ଏହାକୁ ମାୟାର ପମ୍ପ (ଆଡମ୍ବର) କୁହାଯାଉଛି । ଯଦି କାହାକୁ କହିବ ସ୍□ର୍ଗକୁ ଚାଲ, ତେବେ କହିବେ ଆମେ ଏହିଠାରେ ହିଁ ସୁଖରେ ଅଛୁ । ମୋଟର, ଉଡାଜାହାଜ ଆଦି ସବୁ ଅଛି । ଆମମାନଙ୍କ ପାଇଁ ଏହିଠାରେ ହିଁ ସ୍□ର୍ଗ ରହିଛି । ଧନ, ସମ୍ପତ୍ତି, ଅଳଙ୍କାର ଆଦି ସବୁ ଅଛି । ଯେହେତୁ ଲକ୍ଷ୍ମୀ-ନାରାୟଣଙ୍କର ମଧ୍ୟ ଅଳଙ୍କାର ଅଛି ନା । ତାହା ହେଲେ ଆମେ ବି ପିନ୍ଧିପାରିବୁ । ସେମାନଙ୍କୁ କେତେ ବି ବୁଝାଅ ତଥାପି ସେମାନଙ୍କ ମନରେ ବିଷ ପ୍ରତି ଆସକ୍ତି ରହିଥାଏ । ବିଷ ଅର୍ଥାତ୍ ବିକାର ବିନା ରହିପାରିବେ ନାହିଁ । ବାବା କହୁଛନ୍ତି - ତୁମ୍ଭେମାନେ ମୋ କଥା ମାନୁ ନାହଁ । ଯଦି ପବିତ୍ର ହେଉନାହଁ, ତେବେ ମୋତେ ଡାକୁଛ ହିଁ କାହିଁକି ଯେ ହେ ପତିତ-ପାବନ ଆସ । ମନେ ରଖ ଯଦି ଏବେ ମାନିବ ନାହିଁ ତେବେ ବାବା ଧର୍ମରାଜଙ୍କ ଦ୍□ାରା ଦଣ୍ଡ ଦେବେ । ବାବା ଡରାଉଛନ୍ତି ମଧ୍ୟ । ବହୁତ ସନ୍ତାନ ବିକାରର ବଶୀଭୂତ ହୋଇଯାଉଛନ୍ତି, ସେମାନଙ୍କର ଡର ହିଁ ନାହିଁ । ସେମାନେ ଧର୍ମରାଜ ପୁରୀରେ କେତେ ଚାବୁକ ପାହାର ଖାଇବେ, ସେ କଥା ନ କହିଲେ ଭଲ । ସେମାନଙ୍କର ପଦ ମଧ୍ୟ ଭ୍ରଷ୍ଟ ହୋଇଯିବ । ତେଣୁ ପୁରୁଷାର୍ଥ କରି ଉଚ୍ଚ ପଦ ପାଇବା ଦରକାର ନା । ସଂଗଦୋଷରେ ଆସି ଏପରି ତଳକୁ ଖସି ଯାଉଛନ୍ତି, ଏକଦମ ନିଜର ପଦ ହରାଇ ଦେଉଛନ୍ତି । ତୁମ୍ଭେମାନେ ଜାଣିଛ ଏବେ ହୀରା ଆଦିର ଖଣିଗୁଡିକ ଖାଲି ହୋଇଚାଲିଛି, ପୁଣି ଭରପୁର ହୋଇଯିବ । ସେଠାରେ ସୁନା, ହୀରାର ପାହାଡ ଥାଏ । ହୀରାକୁ ଯେତେବେଳେ ଖୋଳି ବାହାର କରିଥାନ୍ତି, ତେବେ ତାହା ପ୍ରଥମେ ପଥର ଅବସ୍ଥାରେ ଥାଏ, ପୁଣି ତାକୁ ସଫା କରି ହୀରା କରିଥାନ୍ତି । ବାବା ତୁମକୁ ମଧ୍ୟ ଜ୍ଞାନର ସିରାନ ଅର୍ଥାତ୍ ହୀରାକୁ ସଫା କରିବାର ମେସିନ ଉପରେ ଚଢାଉଛନ୍ତି, ତେଣୁ ତୁମ୍ଭେମାନେ କେତେ ସୁନ୍ଦର ହୋଇଯାଉଛ । ଆଚ୍ଛା—

ମିଠା ମିଠା ସିକିଲଧେ ସନ୍ତାନମାନଙ୍କ ପ୍ରତି ମାତା-ପିତା, ବାପଦାଦାଙ୍କର ମଧୁର ସ୍ନେହଭରା ସ୍ମୃତି ଏବଂ ସୁପ୍ରଭାତ । ଆତ୍ମିକ ପିତାଙ୍କର ଆତ୍ମିକ ସନ୍ତାନମାନଙ୍କୁ ନମସ୍ତେ ।

ଧାରଣା ପାଇଁ ମୁଖ୍ୟ ସାର :—

(୧) ଏବେ ମହାବିନାଶର ସମୟ, ସେଥିପାଇଁ କୌଣସି ବି ପାପ କର୍ମ କରିବାର ନାହିଁ । ନିଜର କଲ୍ୟାଣ ପାଇଁ ପୁରୁଷାର୍ଥ କରିବାକୁ ହେବ, ବହୁତ ମିଠା ହେବାକୁ ପଡିବ । କ୍ରୋଧକୁ ଛାଡି ଦେବାକୁ ହେବ ।

(୨) ବାବାଙ୍କଠାରୁ ପୂରା-ପୂରା ସମ୍ପତ୍ତି ନେବାର ଇଚ୍ଛା ରଖିବାକୁ ହେବ । ପ୍ରତି ପାଦରେ ବାବାଙ୍କର ରାସ୍ତ ନେବାକୁ ହେବ । ବାବାଙ୍କ ସମାନ ଦୁଃଖହର୍ତ୍ତା ସୁଖକର୍ତ୍ତା ହେବାକୁ ପଡିବ ।

ବରଦାନ:- ନିଜର ଭାଗ୍ୟ ଏବଂ ଭାଗ୍ୟ ବିଧାତାଙ୍କର ସ୍ମୃତି ଦ୍ୱାରା ସମସ୍ତ ଜଟିଳ ପରିସ୍ଥିତିରୁ ମୁକ୍ତ ରହୁଥିବା ମାଷ୍ଟର ରଚୟିତା ଭବ ।

ସର୍ବଦା ବାଃ ମୋ'ର ଭାଗ୍ୟ ଏବଂ ବାଃ ଭାଗ୍ୟ ବିଧାତା! ମନର ଏହି ସୂକ୍ଷ୍ମ ଶବ୍ଦକୁ ଶୁଣୁଥାଅ ଏବଂ ଖୁସିରେ ନାଚୁଥାଅ । ଯାହା ଜାଣିବାର ଥିଲା ତାହା ଜାଣିଗଲି, ଯାହା ପାଇବାର ଥିଲା ତାହା ପାଇଗଲି - ଯଦି ଏହି ଅନୁଭବରେ ରହିବ, ତେବେ ସବୁ ପ୍ରକାରର ଜଟିଳ ପରିସ୍ଥିତିରୁ ମୁକ୍ତ ହୋଇଯିବ । ବର୍ତ୍ତମାନ ଭିନ୍ନ ଭିନ୍ନ ପରିସ୍ଥିତି ଭିତରେ ଛନ୍ଦି ହୋଇ ରହିଥିବା ଆତ୍ମାମାନଙ୍କୁ ମୁକ୍ତ କରିବାର ସମସ୍ତ ସେଥିପାଇଁ ମୁଁ ମାଷ୍ଟର ସର୍ବଶକ୍ତିମାନ ଅଟେ, ମାଷ୍ଟର ରଚୟିତା ଅଟେ - ଏହି ସ୍ମୃତି ଦ୍ୱାରା ଛୋଟ ଛୋଟ ପିଲାଳିଆମି କଥାରେ ସମସ୍ତ ନଷ୍ଟ କର ନାହିଁ ।

ସ୍ଲୋଗାନ:- କମଳ ଆସନଧାରୀ ହିଁ ମାୟାର ଆକର୍ଷଣଠାରୁ ମୁକ୍ତ ତଥା ବାବାଙ୍କର ସ୍ନେହରେ ଅତିପ୍ରିୟ ଶ୍ରେଷ୍ଠ କର୍ମଯୋଗୀ ଅଟନ୍ତି ।

*** ଓମ୍ ଶାନ୍ତି ***

ଅବ୍ୟକ୍ତ ଇଶାରା:- ବ୍ରହ୍ମାବାବାଙ୍କ ସମାନ ସମ୍ପନ୍ନ ଏବଂ ସମ୍ପୂର୍ଣ୍ଣ ସ୍ଥିତିର ଅନୁଭବ କର ।

ପୁରୁଷାର୍ଥରେ ସରଳତା, ବ୍ରହ୍ମାବାବାଙ୍କ ସମାନ ଉପରାମ ଏବଂ ସାକ୍ଷୀଦ୍ରଷ୍ଟାର ସଂସ୍କାର, ଏହା ହିଁ ହେଉଛି ସମ୍ପୂର୍ଣ୍ଣ ସ୍ଥିତିର ଲକ୍ଷଣ । ତେଣୁ ଏବେ ଏହି ସବୁ ସଂସ୍କାର ଗୁଡିକରେ ସମାନତା ଆଣିବାକୁ ହେବ । ଏହି ଆଧାରରେ ହିଁ ସମସ୍ତଙ୍କର ହୃଦୟ ଉପରେ ବିଜୟ ପ୍ରାପ୍ତ କରିପାରିବ, ଯିଏ ସଂଗମଯୁଗରେ ସମସ୍ତଙ୍କର ହୃଦୟ ଉପରେ ବିଜୟୀ ହୋଇଥାଏ, ସେ ହିଁ ଭବିଷ୍ୟତରେ ବିଶ୍ୱ ମହାରାଜା ହୋଇଥାଏ ।